# ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କ ପାଇଁ ମାନ ନିର୍ଦ୍ଧାରଣ ସମ୍ପର୍କରେ  ସୂଚନା

ଦୀର୍ଘ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କର ପ୍ରତ୍ୟକ୍ଷ ଶିକ୍ଷାଦାନ ଶିକ୍ଷଣ  କାର୍ଯ୍ୟ  ସମ୍ଭବ ହୋଇପାରି ନଥିଲା  । ଫେବୃୟାରୀ ମାସ ୨୮ ତାରିଖରେ ଆମ   ବିଦ୍ୟାଳୟରେ ପ୍ରାଥମିକ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାଦାନ କାର୍ଯ୍ୟ  ଆରମ୍ଭ ହୋଇଛି । ପ୍ରଥମ ଗୋଟିଏ ସପ୍ତାହ ଧରି ଆପଣମାନେ ଶିକ୍ଷାର୍ଥୀମାନଙ୍କ  ସହିତ ସାମାଜିକ ଓ ଆବେଗିକ ବିକାଶ ପାଇଁ ଅନେକଗୁଡିଏ କାର୍ଯ୍ୟ  କରିଥିବେ ଓ ଶିକ୍ଷାର୍ଥୀମାନେ ଏଥିରେ ଆନନ୍ଦର ସହିତ ଅଂଶଗ୍ରହଣ କରିଥିବେ ।

Educational Information

ସମଗ୍ର ରାଜ୍ୟରେ ମାର୍ଚ୍ଚ ମାସ ୯ , ୧୦ ଓ ୧୧ ତାରିଖରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନଙ୍କର ମାନ ନିର୍ଦ୍ଧାରଣ ( baseline  assessment ) କାର୍ଯ୍ୟ ସମ୍ପାଦନ କରାଯିବ । ଏହି ମାନ ନିର୍ଦ୍ଧାରଣ କାର୍ଯ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସ୍ଥିତିକୁ ଜାଣିବା ଓ ତଦନୁଯାୟୀ ବିଭିନ୍ନ ପନ୍ଥା ଓ କୌଶଳ ଅବଲମ୍ବନ କରି ସେମାନଙ୍କୁ ଶ୍ରେଣୀ ଉପଯୋଗୀ ଶିକ୍ଷଣ ଫଳାଫଳ ହାସଲ କରିବାରେ ସାହାଯ୍ୟ କରିବା ।

<u>ମାନ ନିର୍ଦ୍ଧାରଣ କାର୍ଯ୍ୟ  ପାଇଁ ପ୍ରସ୍ତୁତି :</u>

- ପ୍ରଥମ, ଦ୍ୱିତୀୟ , ତୃତୀୟ  ଶ୍ରେଣୀରେ ଭାଷା ଓ ଗଣିତ ଏବଂ ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ଭାଷା , ଗଣିତ ଓ ଇଂରାଜୀ ବିଷୟରେ ମାନ ନିର୍ଦ୍ଧାରଣ କରାଯିବ।
- ପ୍ରତ୍ୟେକ ଶ୍ରେଣୀ ପାଇଁ ମୌଖିକ ଓ ଲିଖିତ ପ୍ରଶ୍ନ ରହିଛି । ମୌଖିକ ପ୍ରଶ୍ନ ପାଇଁ ଆବଶ୍ୟକୀୟ ସାମଗ୍ରୀ ପୂର୍ବରୁ ପ୍ରସ୍ତୁତ କରି ରଖିଥିବେ । ମୌଖିକ ପ୍ରଶ୍ନ ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀ କୁ ବ୍ୟକ୍ତିଗତ ଭାବରେ ଡାକି ପଚାରିବେ ଓ ଶିକ୍ଷାର୍ଥୀ ହାସଲ କରିଥିବା ମାର୍କକୁ ଲିପିବଦ୍ଧ କରିବେ ।

<u>ମାନ ନିର୍ଦ୍ଧାରଣ କରିବା ସମୟରେ :</u>

Educational Information

- ମାନ ନିର୍ଦ୍ଧାରଣ କରିବା ସମୟରେ ଆପଣ ଶ୍ରେଣୀରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିବେ । ଆପଣ ଶିକ୍ଷାର୍ଥୀମାନେ  ଯେଭଳି ନିର୍ଭୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବେ, ସେଥିପାଇଁ ସମସ୍ତଙ୍କୁ  ଉତ୍ସାହିତ କରିବେ।
- ଏହି କାର୍ଯ୍ୟଟିକୁ ଅନୌପଚାରିକ ଢଙ୍ଗରେ ସମ୍ପନ୍ନ କରାଯିବ ଓ ଶିକ୍ଷାର୍ଥୀମାନେ ନିଜସ୍ୱ ଢଙ୍ଗରେ ଅଂଶଗ୍ରହଣ ପାଇଁ ସୁଯୋଗ  ଦେବେ।
- ମାନ ନିର୍ଦ୍ଧାରଣ ପାଇଁ ସମସ୍ତ ଶିକ୍ଷାର୍ଥୀଙ୍କ ଉପସ୍ଥିତି ଓ  ଅଂଶଗ୍ରହଣକୁ ନିଶ୍ଚିତ କରିବେ ।
- ଶିକ୍ଷାର୍ଥୀମାନେ ଲିଖିତ ପ୍ରଶ୍ନର ଉତ୍ତର ଦେବା ପରେ ଆପଣ ମୌଖିକ ପ୍ରଶ୍ନର ମାନ ନିର୍ଦ୍ଧାରଣ କରିବେ । ( ଆବଶ୍ୟକ ହେଲେ ଏହି କ୍ରମରେ ଆପଣ ପରିବର୍ତ୍ତନ କରିପାରିବେ । )

<u>ମାନ ନିର୍ଦ୍ଧାରଣ କରିବା ପରେ  :</u>

- ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀର ମୌଖିକ ଓ ଲିଖିତ ପ୍ରଶ୍ନର ଉତ୍ତରକୁ ଠିକ ଭାବରେ ମୂଲ୍ୟାଙ୍କନ କରିବେ ଓ ଉପଯୁକ୍ତ ଫର୍ଦ୍ଦରେ ମାର୍କକୁ ଲିପିବଦ୍ଧ କରିବେ ।
- ଶିକ୍ଷାର୍ଥୀର ଉତ୍ତର ଫର୍ଦ୍ଦକୁ ତା ସହିତ ଆଲୋଚନା କରିବେ ଓ ଭୁଲ / ଠିକ ଉତ୍ତରକୁ ବିଶ୍ଳେଷଣ କରିବେ । ଶିକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ ଉତ୍ତରକୁ ନେଇ  ମଧ୍ୟ ଆଲୋଚନା କରିବେ ।
- ଶିକ୍ଷାର୍ଥୀ ର ଶିକ୍ଷଣ ସ୍ଥିତିକୁ ଅଭିଭାବକଙ୍କ ସହିତ ଆଲୋଚନା କରିବେ ।
- ଏହି ମାନ ନିର୍ଦ୍ଧାରଣର ଉଦ୍ଦେଶ୍ୟ ଆଧାରରେ ଶିକ୍ଷାର୍ଥୀର ଶିକ୍ଷଣ ସ୍ଥିତିକୁ ନେଇ ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରିବେ ।

---

# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ  ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

Educational Information

## BASELINE ASSESSMENT  :  2022

ଶ୍ରେଣୀ : ପ୍ରଥମ    ବିଷୟ : ଭାଷା (ଓଡ଼ିଆ)    ପୂର୍ଣ୍ଣ ସଂଖ୍ୟା : ୨୦

ପ୍ରାପ୍ତାଙ୍କ : ______

ଶିକ୍ଷାର୍ଥୀର ନାମ : ____________________

ରୋଲ ନମ୍ବର : __________ ତାରିଖ : __________

ବିଦ୍ୟାଳୟର ନାମ : ____________________

(ସମସ୍ତ ପ୍ରଶ୍ନର ଉତ୍ତର ଦିଅ)

'କ'  ବିଭାଗ : ଲିଖିତ    (୧୦ ମାର୍କ)

୧. 'ଟ' ଅକ୍ଷର ଚାରିପଟେ ଗୋଲ ବୁଲାଅ ।    (୧x୩=୩)


ଟଗର    କଟକ    ଅରଟ

୨. ଅକ୍ଷର ଯୋଡି ଖାଲି ଘରେ ଶବ୍ଦ ଲେଖ ।    (୧x୩=୩)

ଖା  ଟ    ଘ  ର    କ  ଢ

୩. ଚିତ୍ର ଦେଖି ତା'ର ନାମକୁ ଲେଖ ।                                                (୧x୪=୪)









# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ  ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**BASELINE ASSESSMENT : 2022**

Educational Information

**ଶ୍ରେଣୀ : ପ୍ରଥମ** **ବିଷୟ : ଭାଷା (ଓଡିଆ)**

**<u>'ଖ'  ବିଭାଗ : ମୌଖିକ</u>** **(୧୦ ମାର୍କ)**

(୧ x୩ =୩ )

୧. ଶିକ୍ଷକ ଅନୁଚ୍ଛେଦଟିକୁ ପଢି ଶୁଣାଇବେ।ପ୍ରତ୍ୟେକ ପିଲାକୁ ପାଖକୁ ଡାକି ନିମ୍ନ ପ୍ରଶ୍ନଗୁଡିକୁ ପଚାରିବେ।


ଚଢେଇଟିଏ ଗଛରେ ବସା କରିଥିଲା।ଗୋଟିଏ ହାତୀ ସବୁଦିନ ଆସି ସେହି ଗଛର ଡାଳପତ୍ର ଟାଣି ଖାଉଥିଲା ।ବସା ଭାଙ୍ଗି ଯିବାର ଡରରେ ଚଢେଇଟି ହାତୀକୁ କହିଲା, "ହାତୀ ଭାଇ, ମୋର ବସା ଭାଙ୍ଗିଯିବ । ତୁମେ ଗଛର ଡାଳପତ୍ର କୁ ଟାଣ ନାହିଁ। " ହାତୀ ଚଢେଇ ର କଥା ମାନିଲା ଓ ସେହି ଗଛର ଡାଳ ପତ୍ରକୁ ଭାଙ୍ଗିଲା ନାହିଁ ।

(କ) କିଏ ଗଛରେ ବସା ବାନ୍ଧିଥିଲା ? (୧)

(ଖ) ହାତୀ କ'ଣ ଖାଏ ? (୧)

(ଗ) ଚଢେଇ ବସା ଭାଙ୍ଗିବା ଡରରେ କ'ଣ କଲା ? (୧)

୨. ଚିତ୍ର ଦେଖ ଓ ପ୍ରଶ୍ନ ଗୁଡ଼ିକର ଉତ୍ତର କୁହ ? (୧ x ୪ = ୪)

| | |
|---|---|
|  |  |
| (କ) ଘର କିଏ ଜଗିଛି ? | (ଖ) ମାଆ କ'ଣ କରୁଛନ୍ତି ? |
|  |  |
| (ଗ) ବୁଢା ଜଣକ କ'ଣ ଧରିଛନ୍ତି ? | (ଘ) ହାତୀର କେଉଁ ଅଂଶଟି ସବୁଠାରୁ ଲମ୍ବା ? |

୩ .  ଚିତ୍ର ସହ ସମ୍ପର୍କିତ ଶବ୍ଦକୁ ଯୋଡ  ।  (୧ x ୩ = ୩)







**ଚପଲ**

**କଲମ**

**ବଗ**

# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

Educational Information

## BASELINE ASSESSMENT : 2022

ଶ୍ରେଣୀ : ପ୍ରଥମ　　　ବିଷୟ : ଗଣିତ　　　ପୂର୍ଣ୍ଣ ସଂଖ୍ୟା : ୨୦ ମାର୍କ

ପ୍ରାପ୍ତାଙ୍କ : ☐

ଶିକ୍ଷାର୍ଥୀର ନାମ : ____________________

ରୋଲ ନମ୍ବର : ____________________ ତାରିଖ : ____________________



ବିଦ୍ୟାଳୟର ନାମ : ____________________

(ସମସ୍ତ ପ୍ରଶ୍ନର ଉତ୍ତର ଦିଅ)


**'କ' ବିଭାଗ : ଲିଖିତ**　　　(୧ × ୧୦ = ୧୦)

ପ୍ରଶ୍ନ ୧ ରୁ ୮ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନପାଇଁ ତଳେ ଥିବା ଦୁଇଟି କିମ୍ବା ତିନୋଟି ଚିତ୍ର ମଧ୍ୟରୁ ଗୋଟିଏ ସଠିକ ଚିତ୍ର ଦିଆଯାଇଛି । ଠିକ୍ ଚିତ୍ର ପାଖରେ ଥିବା ☐ ଘରେ ଠିକ୍ (✓) ଚିହ୍ନ ଦିଅ ।


୧.　କେଉଁ ଆମ୍ବ ଚିତ୍ରଟି ବଡ଼ ?

 ☐　　 ☐


୨.　କେଉଁ ଚଢ଼େଇ ଚିତ୍ରଟି ସାନ ?

 ☐　　 ☐


୩. କେଉଁ ମଣିଷ ଜଣକ ଗଛ ପାଖରେ ଛିଡ଼ା ହୋଇଛି ?




୪. ସବୁଠାରୁ ମୋଟା ଦଉଡ଼ି କେଉଁଟି ?




୫. କେଉଁ କୋଠରୀରେ ସବୁଠୁ ଅଧିକ ସଂଖ୍ୟକ ଚକୋଲେଟ୍ ଅଛି ?




୬. କେଉଁ କୋଠରୀରେ ୭ଟି ପେନସିଲ୍ ଅଛି ?





୭. ତୁମ ପାଖରେ ଦୁଇଟି କଦଳୀ ଅଛି । କେଉଁ କୋଠରୀରୁ ସବୁ କଦଳୀ ନେଲେ ତୁମର ସବୁଠାରୁ ଅଧିକ କଦଳୀ ହେବ ?




୮. ପାଖ କୋଠରୀରେ ଥିବା ଛତା ସଂଖ୍ୟା ସହ ତଳେ ଦିଆଯାଇଥିବା କେଉଁ କୋଠରୀର ଚଢ଼େଇ ସଂଖ୍ୟା ସହ ସମାନ ?










**ପ୍ରଶ୍ନ ୯ ଓ ୧୦ର ଉତ୍ତର ଖାଲି ଘରେ ଲେଖ ।**

୯. ସଂଖ୍ୟା ୭ର ପର ସଂଖ୍ୟା କିଏ ?

୧୦. 

କୋଠରୀରେ କେତୋଟି ଫୁଲ ଅଛି ?

*****

# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

## BASELINE ASSESSMENT : 2022

Educational Information

ଶ୍ରେଣୀ : ପ୍ରଥମ ବିଷୟ : ଗଣିତ

### 'ଖ' ବିଭାଗ : ମୌଖିକ

(୧ × ୧୦ = ୧୦)

**(ଶିକ୍ଷକ ନିମ୍ନଲିଖିତ ସମସ୍ତ ପ୍ରଶ୍ନ / କାମ ପ୍ରତ୍ୟେକ ପିଲାଙ୍କୁ କ୍ରମ ଅନୁସାରେ ପଚାରିବେ / କରାଇବେ ଓ ସେଥିପାଇଁ ଆବଶ୍ୟକ ବସ୍ତୁ ବା ଜିନିଷ ତାଙ୍କ ପରିବେଶରୁ ଶିକ୍ଷାର୍ଥୀଙ୍କୁ ଯୋଗାଇଦେବେ ବା ଆଣିବାକୁ କହିବେ । ପ୍ରତ୍ୟେକ ଠିକ୍ ଉତ୍ତର ବା କାର୍ଯ୍ୟ ପାଇଁ ଶିକ୍ଷାର୍ଥୀ ହାସଲ କରୁଥିବା ମାର୍କ ଲେଖି ରଖିବେ ।)**

୧. ମୋଟା ଓ ପତଳା ବସ୍ତୁ (ସମାନ ଆକୃତି) ଦେଖାଇ ମୋଟା ବା ପତଳା ଚିହ୍ନିବାକୁ କହିବେ ।

୨. ବିଭିନ୍ନ ସଂଖ୍ୟକ ଗୋଡ଼ି / କାଠି / ପତ୍ର ଦେଖାଇ ବେଶୀ ବା କମ୍ ଚିହ୍ନିବାକୁ କହିବେ । (୫ ରୁ ୯ ମଧ୍ୟରେ)

୩. ୨ଟି ବସ୍ତୁ ମଧ୍ୟରୁ କେଉଁଟି ପାଖରେ ବା ଦୂରରେ ଅଛି ଚିହ୍ନିବାକୁ କହିବେ ।

୪. କିଛି ଗୋଡ଼ିଧରି ୧୦ ରୁ ଅଧିକ ହେବ ନା କମ୍ ପଚାରିବେ ।

୫. ସମାନ / ବେଶୀ / କମ ସଂଖ୍ୟକ ବସ୍ତୁ ସେଟ୍ ଦେଖାଇ ତୁଳନା କରିବାକୁ କହିବେ ( ୧ରୁ ୯ ମଧ୍ୟରେ)

୬. ନିର୍ଦ୍ଦିଷ୍ଟ ସଂଖ୍ୟକ ଗୋଡ଼ି / ପତ୍ର ଆଣିବାକୁ କହିବେ (୫ ରୁ ୯ ମଧ୍ୟରେ) ।

୭. ୧ ରୁ ୧୦ ପର୍ଯ୍ୟନ୍ତ କ୍ରମ ଅନୁଯାୟୀ ସଂଖ୍ୟା ଗଣିବାକୁ କହିବେ ।

୮. ୧ ରୁ ୨୦ ମଧ୍ୟରେ ଦୁଇଟି ସଂଖ୍ୟାକାର୍ଡ଼ ଦେଖାଇ ସଂଖ୍ୟା ଦୁଇଟିକୁ କହିବା ପାଇଁ କହିବେ ।

୯. ଗୋଟିଏ ସଂଖ୍ୟାର ପର ସଂଖ୍ୟାଟିକୁ କହିବା ପାଇଁ ସୂଚନା ଦେବେ । ( ୧ରୁ ୯ ମଧ୍ୟରେ)

୧୦. ପିଲାଙ୍କୁ ବଡ଼ ଓ ଛୋଟ ପତ୍ର ସଂଗ୍ରହ କରି ଦେଖାଇବାକୁ କହିବେ ।